# "ଲଜ୍ୟାକୁ ସହ୍ୟ ନକରିପାରି ଭାସ୍କର ବେକରେ ରଶି ଲଗାଇ ଆତ୍ମହତ୍ୟା କଲା" !

ମୋର ନାମ ଯୁଗଧର ବଗର୍ତ୍ତା । ଘର ଟିଟିଲାଗଡ଼ ଥାନା ଅନ୍ତର୍ଗତ ଝୁବୁଡିଙ୍ଗୀ ଗ୍ରାମରେ । ମୁଁ ଜଣେ ଅତ୍ୟନ୍ତ ଗରୀବ ପରିବାରର ଲୋକ । ଜଙ୍ଗଲରୁ କାଠ ସଂଗ୍ରହ କରିବା ସହ ମୂଲିଆ କାମ କରି ବଞ୍ଚେ । ପରିବାର କହିଲେ ଦୁଇ ପୁଅ ଗୋଟିଏ ଝିଅ । ବଡ଼ ପୁଅ ଯାଇ ପଞ୍ଜାବରେ କାମ କରି ତା'ର ଭାଇକୁ ବହୁକଷ୍ଟରେ ପାଠ ପଢ଼ାଉଥିଲା । କିଛି ପାଠ ପାଢ଼ାଇବା ପରେ ଘରର ଆର୍ଥିକ ଅବସ୍ଥା ଏବଂ ଏକମାତ୍ର ଭଉଣୀର ବାହାଘର ପାଇଁ ପୁଅ ଭାସ୍କର ପାଠ ନପଢ଼ି ଯାଇଥିଲା ସୁରଟ୍ କାମ କରିବା ପାଇଁ । ଗାଁରେ ରହୁଥିବା ସମୟରେ ଗାଁ ପାଖର ଗାଁ ତାରାସିଙ୍ଗାର ଏକ ଝିଅକୁ ଭାସ୍କର ଭଲପାଉଥିଲା ଏବଂ ତାକୁ ବିବାହ କରିବା ପାଇଁ ରାଜି ମଧ ଥିଲା । ଆମ ପରିବାର ଲୋକମଧ ଉକ୍ତ ଝିଅକୁ ବୋହୂ ମା ବୋଲି ସମ୍ବୋଧନ କରୁଥିଲେ । ପୁଅ ସୁରଟ୍‌ରୁ ଆମ ଘରକୁ ପଇସା ପଠାଇବା ସହ ବୋହୂ ମା'କୁ ମଧ ପଇସା ପଠାଉଥିଲା । ଅନେକ ସମୟରେ ଆମ ଘରକୁ ପଇସା କମ୍ ପଠାଉଥିବାରୁ ଘରେ ବେଳେବେଳେ ଅଶାନ୍ତି ମଧ ଲାଗିରହେ । ଏଇ ଅଳ୍ପ କିଛିଦିନ ତଳେ ପୁଅ ସୁରଟ୍‌ରୁ ଆସିଥିଲା । ଆମ ପାଇଁ ଲୁଗାପଟା ସହିତ ବୋହୂମା ପାଇଁ ବିଭିନ୍ନ ରକମର ଶାଢ଼ୀ ମଧ ଆଣିଥିଲା । ତା-୦୪-୦୫-୨୦୧୬ରିଖ ଦିନ ବୋହୂମା ପୁଅକୁ ଟେଲିଫୋନ୍‌ରେ ଡକାଇଲେ । ପୁଅ ବୋହୂମାଙ୍କ ପାଇଁ ଆଣିଥିବା କିଛି ଜୀନିଷ ଧରି ତାକୁ ଦେଖାହେବା ପାଇଁ ଯାଇଥିଲା । କିଛି ସମୟପରେ ଆମେ ଖବର ପାଇଲୁ ଯେ, ପୁଅ ଚୋରି କରିଥିବାରୁ ତାରାସିଙ୍ଗା ଗ୍ରାମରେ ବନ୍ଧାହୋଇ ମାଡ଼ ଖାଉଛି ବୋଲି । ତୁରନ୍ତ ଆମେ ତାରାସିଙ୍ଗାରେ ପହଞ୍ଚିଲୁ ଏବଂ ଦେଖିଲୁ ଯେ, ପୁଅକୁ ସମ୍ପୂର୍ଣ୍ଣ ଲଙ୍ଗଳା କରି ଗାଁର କିଛି ଟୋକା ଏକ ଖୁଣ୍ଟରେ ବାନ୍ଧିଛନ୍ତି । ପୁଅକୁ ଛାଡ଼ି ଦେବା ପାଇଁ ସମସ୍ତଙ୍କ ଗୋଡ଼ ତଳେ ପଡ଼ି ନେହୁରା ହେଲେ ମଧ ଗାଁର ତିନି ଚାରି ଜଣ ଯୁବକ ଆମକୁ ଧମକ ଦେଲେ ଯେ, ତୁରନ୍ତ ତୁମେ ଯାଅ, ନହେବା ପୁଅ ଭଳି ତୁମକୁ ଲଙ୍ଗଳା କରି ବାନ୍ଧିଦେବୁ । ଏହା ଶୁଣି ଆମେ ଗାଁରୁ ଫେରିଆସିଲୁ । ତା ପରଦିନ ଅର୍ଥାତ୍ ତା ୦୫-୦୫-୨୦୧୬ ରିଖ ଦିନ ଉକ୍ତ ଗ୍ରାମରେ ଯାଇ ପହଞ୍ଚିଲୁ । ଦେଖିଲା ବେଳକୁ ପୁଅକୁ ଆମର ମୁଣ୍ଡକୁ ଲଣ୍ଡାକରି, ମୁହଁରେ ଚୁନକଳା ମାରି ବାଜା ବଜାଇ ଗାଁରେ ଆଣ୍ଟେଇ ଆଣ୍ଟେଇ ଚଲା ଯାଉଛି । ବେକରେ ଚପଲମାଳ ପିନ୍ଧାଇ ଗ୍ରାମର ଏକ ଶୋଭାଯାତ୍ରାରେ ଜାତୀୟ ରାଜପଥ ୫୯ ଉପରିସ୍ଥ ଛକ ପର୍ଯ୍ୟନ୍ତ ଅଣା ଯାଇଥିଲା । ଏଠାରେ ଚାରି ପାଞ୍ଚ ଜଣ ଯୁବକ ରାସ୍ତାରେ ଛେପ ପକାଇ ଭାସ୍କରକୁ ଚଟାଇଥିଲେ । ଏପରିକି ଏହି ଯୁବକଙ୍କ ମଧରୁ ଦୁଇ ଜଣ ଯୁବକ ଏକ ପ୍ଲାଷ୍ଟିକ୍ ଡବାରେ ପରିସ୍ରା କରି ଭାସ୍କରକୁ ପିଆଇଥିଲେ । ଗାଁର କିଛି ଲୋକଙ୍କ କହିବା ଅନୁସାରେ ଚୋରି କରୁଥିଲାବୋଲି କହି ଟିଟିଲାଗଡ଼ ଥାନାରେ ଭାସ୍କରଙ୍କୁ ଦିଆଯାଇଥିଲା । ଏହା ପୂର୍ବରୁ ଟିଟିଲାଗଡ଼ ଥାନାଧିକାରୀଙ୍କୁ ଆମେ ଭେଟି ପୁଅ ବିଷୟରେ ଜଣାଇଥିଲେ ମଧ ଥାନାଧିକାରୀ ବୁଝିବା ବୋଲି କହି ଆମକୁ ଫେରାଇ ଦେଇଥିଲେ । ପୁଅର ଏହି ଅବସ୍ଥା ପରେ ମଧ ଥାନାଧିକାରୀ ଆମ କଥା ବୁଝିଲେ ନାହିଁ ଓ ଘରକୁ ଫେରାଇ ଦେବାରୁ ଭାସ୍କର ଘରେ ଆସି ସାତ ଦିନ କାଳ ଗୋଟିଏ ଘରେ ବସି ରହିଥିଲା । ସମସ୍ତ ସତ୍ୟ ଘଟଣା ଆମେ ଥାନାଧିକାରୀଙ୍କୁ ଜଣାଇଥିଲୁ । ଘଟଣାଟି ହେଲା ପୁଅ ଭାସ୍କର ତାରାସିଙ୍ଗା ଗ୍ରାମର କୈାନିକ ଯୁବକଙ୍କ ସହିତ ବୋହୂମା'ଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା । ପୁଅ ଭାସ୍କରକୁ ରାସ୍ତାରୁ ହଟାଇବା ପାଇଁ ଏଭଳି ଏକ ନାଟକ ବୋହୂମା ଏବଂ ତାଙ୍କ ପ୍ରେମିକ ରଚିଥିଲେ । ତା – ୧୦-୦୫-୨୦୧୬ ରିଖ ଦିନ ଘରେ କିଛି ସମୟପାଇଁ କେହି ନଥିବାର ସୁଯୋଗ ପାଇ "ଲଜ୍ୟାକୁ ସହ୍ୟ ନକରିପାରି ଭାସ୍କର ବେକରେ ରଶି ଲଗାଇ ଆତ୍ମହତ୍ୟା କଲା" । ଏହି ଘଟଣାରେ ସମ୍ପୃକ୍ତ ଲୋକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଟିଟିଲାଗଡ଼ର ଭାରପ୍ରାପ୍ତ ଅଧିକାରୀ ମହାମାନ୍ୟ ସତିଶ୍ ଚନ୍ଦ୍ର ରାୟ ମହାଶୟଙ୍କୁ ବାରମ୍ବାର ଅନୁରୋଧ କରାଗଲେ ମଧ ସେ ରାଜନୈତିକ ଚାପ ବୋଲି କହି ଘଟଣାଠାରୁ ଦୂରେଇ ଯାଇଥିଲେ । ଏହା ପରେ ପୁରୁଷ କମିଶନ୍‌ର ୨୦୦ ଶହରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀ ତା-୨୦-୦୫-୨୦୧୬ରିଖ ଦିନ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ପ୍ରବଳ ବର୍ଷା ସତ୍ତ୍ୱେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏପରିକି ଭାସ୍କର ବଗର୍ତ୍ତାଙ୍କୁ ନ୍ୟାୟ ଦାବୀରେ ମହାମହିମ ରାଷ୍ଟ୍ରପତି ମହାଶୟ ଓ ମାନ୍ୟବର ପ୍ରଧାନ ମନ୍ତ୍ରୀ ମହାଶୟଙ୍କୁ ଦାବୀପତ୍ର ପ୍ରଦାନ କରାଯିବା ସହ ବିଭିନ୍ନ ଗଣମାଧମ ତଥା ସମାଜ, ସମ୍ବାଦ, ଧରିତ୍ରୀ, ସର୍ବସାଧାରଣ, ନିତିଦିନ, ଖବର, ନିର୍ଭୟ, ସନମାର୍ଗ, ସ୍ୱାଧିକାର ଓ ହୀରାଞ୍ଚଳ ଇତ୍ୟାଦି ଖବର କାଗଜର ପାଠକୁ ଯୋଡ଼ାଯାଇ ଡାକମାଧମରେ ପ୍ରଦାନ କରାଯାଇଥିଲା । ମାତ୍ର ବଡ଼ ଦୁଃଖର କଥା ହେଉଛି ଦୀର୍ଘଦିନ ବିତିଯାଇଥିଲେ ମଧ ଭାସ୍କର ଜଣେ ପୁରୁଷ ହୋଇଥିବାରୁ ଆଜି ପର୍ଯ୍ୟନ୍ତ ସେ ନ୍ୟାୟ ପାଇବା ପାଇଁ କାହା ପାଖରେ ଯେମିତି ସମୟ ନାହିଁ । ବିଚରା ଭାସ୍କର ପ୍ରେତାତ୍ମା ଯଦି କେଉଁଠି ଥାଏ, ତାକୁ ଆମେ ଏ ପାଠ ମାଧମରେ ଅନୁରୋଧ କରୁଛୁ ଯେ, ସେ ନିଜେ ହିଁ ତାକୁ ଦଣ୍ଡ ଦେଇଥିବା ଓ ପ୍ରେମରେ ପ୍ରତାରଣା କରିଥିବା ଲୋକଙ୍କ ଉପରେ ପ୍ରତିଶୋଧ ନେଉ................


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯


ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।